# ନିୟନ୍ତ୍ରୀତ ବଜାର କମିଟୀ, ବରଗଡ଼

**ସଂଖ୍ୟା ୪୮୩/ ତା.୨୫.୦୬.୨୦୨୧**

**(ଦୋକାନ ଗୃହ ଗୁଡ଼ିକୁ ଦୀର୍ଘ ମିଆଦି ଲିଜ୍ ସୁତ୍ରେ ନିଲାମ ପ୍ରକ୍ରିୟାରେ ଆବଣ୍ଟନ ନିମନ୍ତେ)**

## ବିଜ୍ଞାପନ

ନିୟନ୍ତ୍ରୀତ ବଜାର କମିଟୀ, ବରଗଡ଼ ର ନିଷ୍ପତ୍ତି ଏବଂ ଅଧକ୍ଷ-ତଥା ଅତିରିକ୍ତ ଜିଲ୍ଲାପାଳ ବରଗଡ଼ଙ୍କ ଆଦେଶ କ୍ରମେ ଏତଦ୍ଦ୍ୱାରା ନିୟନ୍ତ୍ରୀତ ବଜାର କମିଟୀ ପରିସୀମା (ଯଥା :- ବରଗଡ଼ ବ୍ଲକ୍, ବରଗଡ ମ୍ୟୁନିସିପାଲଟି,ବରପାଲି ବ୍ଲକ, ବରପାଲି ବିଜ୍ଞାପିତ ଅଂଚଳ, ଭଟଲି ବ୍ଲକ୍ ଓ ଅମ୍ବାଭୋନା ବ୍ଲକ୍ ଅର୍ନ୍ତଗତ ଋଷୀ/ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବରଗଡ଼ କୃଷକ ବଜାର ପରିସରରେ ନବନିର୍ମିତ ଖାଲିଥିବା ବିଭିନ୍ନ ଆକାରର ଦୋକାନ ଗୃହକୁ କୃଷିଜାତ ଦ୍ରବ୍ୟ ଓ କୃଷିଭିତ୍ତିକ ବ୍ୟବସାୟ ପାଇଁ ଇଚ୍ଛୁକ ଓ ଆଗ୍ରହୀ ବ୍ୟକ୍ତି ବିଶେଷ ମାନଙ୍କ ମଧରେ ନିଲାମ ପ୍ରକ୍ରିୟା ମାଧମରେ ଦୀର୍ଘ ମିଆଦି ଲିଜ୍ ସୁତ୍ରେ ଆବଣ୍ଟନ କରିବା ପାଇଁ ନିୟନ୍ତ୍ରୀତ ବଜାର କମିଟୀ, ବରଗଡ଼ କର୍ତ୍ତୃପକ୍ଷ ଇ-ମେଲ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରିଛନ୍ତି । ବିଜ୍ଞାପନ, ଆବେଦନ ଫର୍ମ, ସର୍ତ୍ତାବଳୀ ଦୋକାନ ଗୃହର ତାଲିକା,ମାନଚିତ୍ର, ସଂରକ୍ଷଣ ତାଲିକା ଇତ୍ୟାଦି www.bargarh.nic.in ଉପଲବ୍ଧ ଅଚ୍ଛି, ଯାହାକି ଆଗ୍ରହୀ ବ୍ୟକ୍ତି ବିଶେଷମାନେ ଦେଖିବା ପରେ download କରିପାରିବେ । ଏତତ୍ ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ସଂଲଗ୍ନିତ ସର୍ତ୍ତବଳୀରେ ଉଲ୍ଲେଖିତ କରାଯାଇଅଚ୍ଛି । ଆବେଦନ ଫର୍ମ କ୍ରୟ ବାବଦକୁ **ଟ.୧୦୦୦/-** (ଏକ ହଜାର) ଟଙ୍କା ମାତ୍ର ଦେବାକୁ ପଡିବ, ଯାହାକି ଫେରସ୍ତ ହେବନାହିଁ (Non refundable) ତାହା phone pay/ Googlepay / onlinebanking ମାଧ୍ୟମରେ ଆର.ଏମ.ସି (RMC)ର SBD A/c. No.920010001491409 of Axis Bank,Bargarh Branch (IFSC Code-UTIB0000492) ଠିକଣାରେ ଜମା କରି ସେହି ଫର୍ମକୁ ସଠିକ୍ ଓ ନିର୍ଭୁଲ ଭାବରେ ପୂରଣ କରି ଆବଶ୍ୟକୀୟ କାଗଜାତରେ ନିଜର ଦସ୍ତଖତ କରି ସେହିଗୁଡିକୁ scanning କରିବା ପରେ admbargarh@gmail.com ଠିକଣାରେ ନିଜର ଆବେଦନ ଫର୍ମକୁ secret password ଦେଇ ଆସନ୍ତା **ତା:୦୧/୦୭/୨୦୨୧ରୁ ତା୧୫/୦୭/୨୦୨୧**ମଧ୍ୟରେ ଇ-ମେଲ ମାଧ୍ୟମରେ ଆବେଦନ କରିପାରିବେ ।

ଯଦି ଉକ୍ତ ବିଜ୍ଞାପନରେ କୌଣସି ପ୍ରକାର ତୃଟିର ଦୃଷ୍ଟି ଗୋଚର ହୁଏ, ତେବେ କର୍ତ୍ତୃପକ୍ଷ ଏହାକୁ ସଂଶୋଧନ,ରଦ୍ଧ କରିପାରିବେ ।

ପ୍ରକାଶ ଥାଉକି, RMC କର୍ତ୍ତୃପକ୍ଷଙ୍କ ସମସ୍ତ ପ୍ରକାର ନିଷ୍ପତ୍ତି ଏଦିଗରେ ବଳବତ୍ତର ରହିବ ।

ଅଧକ୍ଷଙ୍କ ଆଦେଶ କ୍ରମେ

25/06/2021

**ସଂପାଦକ**

**ନିୟନ୍ତ୍ରୀତ ବଜାର କମିଟୀ,**

**ବରଗଡ଼**

ପରିଶିଷ୍ଟ-କ

# ନିୟନ୍ତ୍ରୀତ ବଜାର କମିଟୀ, ବରଗଡ଼

## ଦୋକାନ ଗୃହ ପାଇଁ

## ଆବେଦନ ଫର୍ମ

ଆବେଦନକାରୀ ନିଜ ଫଟୋଗ୍ରାଫକୁ ଲଗାଇବେ ।

୧. ଆବେଦନକାରୀଙ୍କ ପୁରା ନାମ :

୨. ପିତା / ସ୍ୱାମୀଙ୍କ ନାମ :

୩. ଲିଙ୍ଗ (ପୁରୁଷ /ମହିଳା) :

୪. ବୟସ (୩୧.୦୩.୨୦୨୧ ସୁଦ୍ଧା) :

୫. ଆବେଦନକାରୀଙ୍କ ଆଧାର କାର୍ଡ଼ର ନଂ :

୬. ସ୍ଥାୟୀ ଠିକଣା (Permanent Address)
ଗ୍ରା/ସହର: ପୋ.ଅ:
ଥା/ତ: ଜି:
ମୋ.ନଂ:
ଇମେଲ ଆଇ.ଡି:

୭. ଯୋଗାଯୋଗ ଠିକଣା (Communication Address)
ଗ୍ରା/ସହର: ପୋ.ଅ:
ଥା/ତ: ଜି:
ମୋ.ନଂ: ହ୍ୱାଟସ ଅପ୍ ନଂ:
ଇମେଲ ଆଇ.ଡି:

୮. ଆବେଦନକାରୀ ବ ´ମାନ କ'ଣ କରୁଛନ୍ତି :
(Occupation)

୯. ଦୋକାନ ପାଇବା ପରେ କେଉଁ ବ୍ୟବସାୟ କରିବା ପାଇଁ ଆବେଦନ କରୁଛନ୍ତି ଦର୍ଶାଇବେ:

୧୦. ଆବେଦନ ଫର୍ମ କ୍ରୟର ଦେୟ ମାଧ୍ୟମ
(Mode of payment of Application fee)
କେଉଁ ମାଧ୍ୟମରେ ଫର୍ମ କ୍ରୟ ବାବଦକୁ ପୈଠ କଲେ ସେହି ନିର୍ଦ୍ଦିଷ୍ଟ ଘରରେ √ ଚିହ୍ନ ଦେବେ ।

| Phone pay | Google Pay | Online Banking |
|---|---|---|
| | | |

| Date | Bank Transaction ID No. |
|---|---|
| | |

୧୨.କେଉଁ ଦୋକାନ ଗୃହ ପାଇଁ ଆବେଦନ କରୁଛନ୍ତି ସେହି ବ୍ଲକର ନାମ ଓ ଦୋକାନ ଗୃହ ନମ୍ବରକୁ ସ୍ପଷ୍ଟଭାବେ ଲେଖିବେ :

| ବ୍ଲକ ନାମ | ଦୋକାନ ଗୃହ ନମ୍ବର | ଅକ୍ଷରାଙ୍କେ |
|---|---|---|
| | | |

୧୩. ଦୋକାନ ଗୃହର ମାସିକ ଭଡ଼ା /ଦେୟ କେତେ ଦେବେ ତାହା ଦର୍ଶାଇବେ : ଅଙ୍କରେ ______ ଅକ୍ଷରାଙ୍କେ

୧୪. ଆବେଦନ ଫର୍ମରେ ସଂଲଗ୍ନ କରାଯାଇଥିବା କାଗଜାତ:

୧)

୨)

୩)

୪)

୫)

**<u>ଘୋଷଣାନାମା</u>**

ଏତଦ୍ଦ୍ୱାରା ମୁଁ ଘୋଷଣା କରୁଅଛିଯେ, ଉକ୍ତ ଆବେଦନ ଫର୍ମରେ ପୂରଣ ହୋଇଥିବା ସମସ୍ତ ତଥ୍ୟ ଓ ସୂଚନା ଗୁଡିକ ସତ୍ୟ ଅଟେ ଏବଂ ସେହିଗୁଡିକ ଉପରେ ମୁଁ ସଂପୂର୍ଣ୍ଣ ଭାବରେ ଅବଗତ ଅଟେ । ଯଦି ଉକ୍ତ ଆବେଦନ ଫର୍ମରେ ଦିଆଯାଇଥିବା ତଥ୍ୟ ବା ସୂଚନା ଏବଂ କାଗଜାତ ଗୁଡିକ ମିଥ୍ୟା ବୋଲି ଜଣାପଡେ ତେବେ ଭାରତୀୟ ଦଣ୍ଡବିଧାନ ଆଇନର ଉପଧାରା-୧୯୯, ୨୦୦ ଓ ୪୨୦ ଅନୁଯାୟୀ ମୋ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତତ୍ସଙ୍ଗେ ସଙ୍ଗେ ଆବେଦନ ଫର୍ମକୁ ନାକଚ କରିବା ସହ ଦୋକାନ ଗୃହକୁ ମଧ୍ୟ ବାତିଲ କରିବେ ।

ସ୍ଥାନ - ........................

ତାରିଖ - ......................                **ଆବେଦନକାରୀଙ୍କ ସ୍ୱାକ୍ଷର ।**

# ନିୟନ୍ତ୍ରୀତ ବଜାର କମିଟୀ, ବରଗଡ଼

## କୃଷକ ବଜାର ପରିସର ନିର୍ମିତ ଦୋକାନ ଗୃହ ଗୁଡିକୁ ଲିଜ୍ ସୁତ୍ରେ ଆବଣ୍ଟନ ସମ୍ବନ୍ଧୀୟ ସର୍ତ୍ତାବଳୀ

## (ଆବେଦନ ଫର୍ମ ସହ ଏହି ସର୍ତ୍ତାବଳୀକୁ ସଂଲଗ୍ନ କରିବେ)

(ଆବେଦନ ପାଇଁ ଯୋଗ୍ୟ, ଯୋଗ୍ୟତା, ସଂରକ୍ଷଣ ତାଲିକା, ଆବଶ୍ୟକୀୟ କାଗଜାତ, ଦରଖାସ୍ତ ଆହ୍ୱାନର ସମୟସୀମା, ଦରଖାସ୍ତ ଦାଖଲ, ଆବଣ୍ଟନ ପ୍ରକ୍ରିୟା, କର୍ତ୍ତୃପକ୍ଷ ତଥା ଆଲଟ୍‌ମେଣ୍ଟ ସବ-କମିଟୀର କ୍ଷମତା ସହ ସର୍ତ୍ତାବଳୀ ଓ ପଦ୍ଧତି)

### (କ) ଆବେଦନ ପାଇଁ ଯୋଗ୍ୟ / ଯୋଗ୍ୟତା (Eligibility)

୧) ଆବେଦନକାରୀଙ୍କ ବୟସ **୧୮** ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବ ।

୨) ଆବେଦନକାରୀ ବରଗଡ଼ ନିୟନ୍ତ୍ରୀତ ବଜାର କମିଟୀ ପରିସୀମା ଯଥା ବରଗଡ଼ ବ୍ଲକ୍, ବରଗଡ ମ୍ୟୁନିସିପାଲଟି,ବରପାଲି ବ୍ଲକ, ବରପାଲି ବିଜ୍ଞାପିତ ଅଂଚଳ ପରିଷଦ, ଭଟଲି ବ୍ଲକ୍ ଓ ଅମ୍ବାଭୋନା ବ୍ଲକ୍ ଅର୍ନ୍ତଗତ ଜଣେ ସ୍ଥାୟୀ ବାସିନ୍ଦା ହୋଇଥିବେ ।

### (ଖ) ଆବେଦନ ଫର୍ମ ସହ ସର୍ତ୍ତାବଳୀର ମୂଲ୍ୟ ଓ ଦୋକାନ ଗୃହ ସମ୍ପର୍କୀୟ ଅନ୍ୟାନ୍ୟ ତଥ୍ୟର ଉପଲବ୍ଧ ସ୍ଥାନ । (Availability of Application form & others information)

୧) ଆବେଦନ ଫର୍ମ କେବଳ **www.bargarh.nic.in** ଉପଲବ୍ଧ ଅଟେ, ଯାହାକି ବିଜ୍ଞାପନ ଦିଆଯାଇଥିବା ସମୟସୀମା ମଧ୍ୟରେ ଡାଉନଲୋଡ୍ **download** କରି ଦାଖଲ କରିପାରିବେ । (ପରିଶିଷ୍ଟ-କ)

୨) ଆବେଦନ ଫର୍ମ ସହ ସର୍ତ୍ତାବଳୀ ର ମୂଲ୍ୟ ଟ.୧୦୦୦/- (ଏକ ହଜାର ଟଙ୍କା) ମାତ୍ର , ଯାହାକି ଫେରସ୍ତ କରାଯିବନାହିଁ **(Non-refundable) phone pay/ Google pay/ onlinebanking ମାଧ୍ୟମରେ ଆର.ଏମ.ସି,ବରଗଡ(RMC)ର SBD A/c. No. 920010001491409 of Axis Bank, Bargarh Branch** ଠିକଣାରେ ଜମା କରି ଫର୍ମକୁ ପୂରଣ କରି ଆବେଦନ କରିପାରିବେ ।

୩) ପରିଶିଷ୍ଟ-"କ"ଆବେଦନ ଫର୍ମ, ପରିଶିଷ୍ଟ-"ଖ"ସଂରକ୍ଷଣ ତାଲିକା, ପରିଶିଷ୍ଟ-"ଗ"ଦୋକାନ ଗୃହର ମାନଚିତ୍ର, ପରିଶିଷ୍ଟ-"ଘ" ଦୋକାନ ଗୃହର ନିର୍ଦ୍ଧାରିତ ମାସିକ ଭଡା ମୂଲ୍ୟ, ପରିଶିଷ୍ଟ-"ଙ"ସିକ୍ୟୁରିଟି ଜମାରାଶି ତାଲିକା, ପରିଶିଷ୍ଟ-"ଚ" ଆବେଦନ ଦାଖଲ ପ୍ରକ୍ରିୟା ଓ ସର୍ତ୍ତାବଳୀ କୁ **www.bargarh.nic.in** ରେ ଉପଲବ୍ଧ କରାଯାଇଅଛି ।

୪) ଆବେଦନକାରୀ ଆବେଦନ କରିବା ପୂର୍ବରୁ ନିଜେ କୃଷକ ବଜାର ପରିସରକୁ ପରିଦର୍ଶନ କରି ସେଠାରେ ନିର୍ମିତ ଦୋକାନଗୃହ ଗୁଡିକ କେଉଁ ସ୍ଥାନରେ ଅବସ୍ଥିତ ଓ ତାହାର ନମ୍ବର କୁ ସଠିକ ଭାବରେ ଦେଖିବେ, ପରେ କୌଣସି ସମସ୍ୟା ହେଲେ ନିଜେ ଦାୟୀ ରହିବେ ।

## (ଗ) ସଂରକ୍ଷିତ ଦୋକାନ ଗୃହ (Reserved Shop Rooms)

୧) ଭିନ୍ନକ୍ଷମ ଚାଷୀ ଓ ବିଧବା ମହିଳାମାନଙ୍କ ପାଇଁ ସଂରକ୍ଷିତ ଦୋକାନ ଗୃହ ପାଇଁ କେବଳ ସେମାନେ ହିଁ ଆବେଦନ କରିପାରିବେ,ଯେଉଁମାନଙ୍କ ବାର୍ଷିକ ଆୟ **ଟ.୬୦,୦୦୦/-(ଷାଠିଏ ହଜାର ଟଙ୍କା )** ମଧ୍ୟରେ ହୋଇଥିବ ।

୨) **୨୦୨୦-୨୧** ଆର୍ଥିକ ବର୍ଷର ବାର୍ଷିକ ଆୟ ପ୍ରମାଣ ପତ୍ର **(Income Certificate)** ସଂପୃକ୍ତ ତହସିଲଦାର/ରାଜସ୍ୱ ଅଧିକାରୀଙ୍କ ଠାରୁ ଆଣିବେ ।

୩) ସଂରକ୍ଷଣ ଦୋକାନ ବ୍ୟତୀତ ଅନ୍ୟ ଦୋକାନ ଗୁଡିକ ସମସ୍ତଙ୍କ ପାଇଁ ଖୋଲା **(Open)** ରହିବ ଅର୍ଥାତ୍ ଅନ୍ୟ ସମସ୍ତେ ଆବେଦନ କରିପାରିବେ ।

## (ଘ) ଆବଶ୍ୟକୀୟ କାଗଜାତ (Required Documents)

୧) ଫର୍ମ କ୍ରୟ ଦେୟ ବାବଦକୁ **Banking Transaction ID Receipt** କୁ ଆବେଦନ ଫର୍ମରେ ସଂଲଗ୍ନ କରିବେ । (ବାଧ୍ୟତାମୂଳକ) ।

୨) ଜନ୍ମ ତାରିଖ ଉଲ୍ଲେଖ ଥିବା ଆଧାର କାର୍ଡ଼ର ଜେରକ୍ସ କପି /ଭୋଟର ପରିଚୟ ପତ୍ର /ପାନକାର୍ଡ / ଡ୍ରାଇଂଭି ଲାଇସେନ୍ସ ଇତ୍ୟାଦି ରୁ ଯେକୌଣସି ଗୋଟିଏର ଜେରକ୍ସ କପି ସଂଲଗ୍ନ କରିବେ ।

୩) ଭିନ୍ନକ୍ଷମ ଚାଷୀ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ବୈଧ ପ୍ରମାଣପତ୍ର ଯାହାକି **୪୦%** ରୁ କମ୍ ହୋଇନଥିବ ତାହା ଫର୍ମରେ ସଂଲଗ୍ନ କରିବେ । ଚାଷୀର ପ୍ରମାଣ ସ୍ୱରୂପ ଚାଷୀ ପରିଚୟ ପତ୍ର / କିଷାନ କ୍ରେଡ଼ିଟ୍ କାର୍ଡ଼ କିମ୍ବା ଜମିର ପଟ୍ଟା କିମ୍ବା ରେଜିଷ୍ଟ୍ରି ଦଲିଲର ଜେରକ୍ସ କପିକୁ ସଂଲଗ୍ନ କରିବେ ।

୪) ଭିନ୍ନକ୍ଷମ ଓ ବିଧବା ମହିଳାମାନେ ସେମାନଙ୍କର ବାର୍ଷିକ ଆୟ ସମ୍ବନ୍ଧରେ ସଂପୃକ୍ତ ତହସିଲଦାର/ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ଆୟ ପ୍ରମାଣ ପତ୍ର **(Income Certificate)** ର ଜେରକ୍ସ କପି ସଂଲଗ୍ନ କରିବେ ।

୫) Scanning କରିବା ପୂର୍ବରୁ ସଂଲଗ୍ନ କରୁଥିବା ସମସ୍ତ କାଗଜାତରେ ଆବେଦନକାରୀ ନିଜର ସ୍ୱାକ୍ଷର କରିବେ ।

## (ଙ) ସର୍ତ୍ତାବଳୀ (Terms and Conditions)

୧) ଆବେଦନକାରୀ ଏକରୁ ଅଧିକ ଦୋକାନ ପାଇଁ ଆବେଦନ କରିପାରିବେ । କିନ୍ତୁ ଗୋଟିଏ ଫର୍ମରେ ଗୋଟିଏ ଦୋକାନ ଗୃହର ନମ୍ବର ଦର୍ଶାଇ ଆବେଦନ କରିବେ । ଜଣେ ବ୍ୟକ୍ତି ଯଦି ଅନେକ ଦୋକାନ ପାଇଁ ଆବେଦନ କରିଥିଲେ ମଧ୍ୟ ସେଥି ମଧ୍ୟରୁ ସର୍ବାଧିକ ଦର୍ଶାଇଥିବା ମୂଲ୍ୟକୁ କେବଳ ଗୋଟିଏ ଦୋକାନ ପାଇଁ ଯୋଗ୍ୟ ବିବେଚିତ ହେବେ ।

୨) ଗୋଟିଏ ପରିବାରରୁ ଯଦି ଅନେକ ଦରଖାସ୍ତ ଆସିଥାଏ ତେବେ ସେହି କ୍ଷେତ୍ରରେ ସେହି ପରିବାର ର ସର୍ବୋଚ୍ଚ ଦର୍ଶାଇଥିବା ଦେୟ ବା ମୂଲ୍ୟକୁ କେବଳ ଗୋଟିଏ ଆବେଦନକୁ ବିଚାରକୁ ନିଆଯିବ ଅର୍ଥାତ୍ ମାତ୍ର ଗୋଟିଏ ଦୋକାନ ପାଇବାକୁ ଜଣେ ଯୋଗ୍ୟ ବିବେଚିତ ହେବେ ।

୩) ଆବେଦନକାରୀ ଆବେଦନ ଫର୍ମରେ ସେ କେଉଁ ପ୍ରକାର ବ୍ୟବସାୟ ଆରମ୍ଭ କରିବା ପାଇଁ ଆଗ୍ରହୀ ତାହା ନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଦିଷ୍ଟ ସ୍ଥାନରେ ଦର୍ଶାଇବେ ।

୨୫/୦/୨୦୨୧

୪) ଆବେଦନକାରୀମାନେ ଆବେଦନ ଫର୍ମରେ ମାନଚିତ୍ରରେ ଦର୍ଶାଯାଇଥିବା ସାମନା ପଟରେ ଥିବା G ବ୍ଲକର ଦୋକାନ ଗୃହ ନଂ.୧୧ ରୁ ନଂ.୬୯ ମଧ୍ୟରେ ଆବେଦନ କରିପାରିବେ ଏବଂ ଭିତର ପଟରେ ଥିବା F ବ୍ଲକର ଦୋକାନ ଗୃହ ୧୨ ନମ୍ବର ରୁ ନଂ.୬୬ ମଧ୍ୟରେ ଆବେଦନ କରି ପାରିବେ ।

୫) ଆବେଦନକାରୀ ଯେଉଁ ଦୋକାନ ଗୃହକୁ ଲିଜ୍ ସୁତ୍ରେ ପାଇବା ପାଇଁ ଆବେଦନ କରୁଛନ୍ତି ସେହି ଦୋକାନ ଗୃହର ନମ୍ବରକୁ ସ୍ପଷ୍ଟ ଭାବେ ଲେଖିବା ସହ ଉକ୍ତ ଦୋକାନ ଗୃହ ପାଇଁ କମିଟୀ ଦ୍ୱାରା ନିର୍ଦ୍ଧାରିତ ମାସିକ ଦେୟ ରୁ କମ୍ ଦର୍ଶାଇଥିଲେ ତାହା ଗ୍ରହଣୀୟ ହେବ ନାହିଁ ।

୬) ଦୋକାନ ଗୃହ ପାଇବା ସକାଶେ ଆବଶ୍ୟକୀୟ କାଗଜାତର ସଠିକତା ଓ ସର୍ବୋଚ୍ଚ ଦେୟ/ମୂଲ୍ୟ ଦର୍ଶାଇଥିବା ଆବେଦନକାରୀ ଦୋକାନ ଗୃହ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବ ।

୭) ଯଦି କୌଣସି ଦୋକାନ ଗୃହ କ୍ଷେତ୍ରରେ ଆବେଦନକାରୀ ଆବେଦନ ଫର୍ମର କ୍ରମିକ ନଂ.୧୩ରେ ଦର୍ଶାଇଥିବା ଦେୟ/ମୂଲ୍ୟ ସମାନ ହୁଏ ସେହି କ୍ଷେତ୍ରରେ ଲଟେରି ମାଧ୍ୟମରେ ସମସ୍ତଙ୍କ ଉପସ୍ଥିତିରେ ଆବଣ୍ଟନ କମିଟୀ ଦ୍ୱାରା ଆବଣ୍ଟନ ପ୍ରକ୍ରିୟା ସମାପନ କରାଯିବ ।

୮) କୌଣସି ଆବେଦନକାରୀ ସର୍ବୋଚ୍ଚ ଦେୟ/ମୂଲ୍ୟ ଦେଇ ଦୋକାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇ ଯଦି କାର୍ଯ୍ୟାଳୟରୁ ପତ୍ର ପାଇବାର ପନ୍ଦର ଦିନ ମଧ୍ୟରେ ନିର୍ଦ୍ଧାରିତ ସିକ୍ୟୁରିଟୀ ଅର୍ଥ କାର୍ଯ୍ୟାଳୟରେ ଜମା କରିବେ ନାହିଁ, ସେ କ୍ଷେତ୍ରରେ ଦ୍ୱିତୀୟ ସଫଳ ନିଲାମଧାରୀଙ୍କୁ ଉକ୍ତ ଦୋକାନ ଦିଆଯିବା ପାଇଁ ସୁଯୋଗ ଦିଆଯିବ ।

୯) ସୁକ୍ୟୁରିଟୀ ଡ଼ିପୋଜିଟ୍ ଜମା କରିବା ପରେ କାର୍ଯ୍ୟାଳୟ ତରଫରୁ ଅବଗତ କରାଯାଇଥିବା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଚୁକ୍ତିନାମା (ଏଗ୍ରିମେଣ୍ଟ) କରିବେ ଏବଂ ଏଗ୍ରିମେଣ୍ଟ କରିବାର ଗୋଟିଏ ମାସ (୩୦ ଦିନ) ମଧ୍ୟରେ ଯଦି ବ୍ୟବସାୟ ଆରମ୍ଭ କରିବେ ନାହିଁ, ସେହି କ୍ଷେତ୍ରରେ ମଧ୍ୟ ବ୍ୟବସାୟ ପାଇଁ ଦ୍ୱିତୀୟ ସଫଳ ନିଲାମଧାରୀଙ୍କୁ ଉକ୍ତ ଦୋକାନ ଗୃହ ଦିଆଯିବା ପାଇଁ ସୁଯୋଗ ଦିଆଯିବ ।

୧୦) ଦୋକାନ ଗୃହ ପାଇଁ ଯୋଗ୍ୟ ବିବେଚିତ ଭିନ୍ନକ୍ଷମ ଓ ବିଧବା ମହିଳାମାନେ ନିର୍ଦ୍ଧାରିତ ଜମା ରାଶିର କେବଳ ୫୦% ସୁକ୍ୟୁରିଟୀ ଜମା କରିବେ ।

## (ଚ) ଆବେଦନ ଫର୍ମ ଦାଖଲ କରିବା ପ୍ରକ୍ରିୟା (Submission of Application process)

୧) ବିଜ୍ଞାପନରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କେବଳ ଦାଖଲ କରିବେ ।

୨) ଫର୍ମ କ୍ରୟ ଦେୟ ବାବଦକୁ **Banking Transaction ID Receipt** କୁ ଆବେଦନ ଫର୍ମରେ (ପରିଶିଷ୍ଟ-"କ") ସଂଲଗ୍ନ କରିବେ । ପ୍ରକାଶ ଥାଉକି ଆବେଦନ ଫର୍ମ କ୍ରୟ ମୂଲ୍ୟ ଫେରସ୍ତ ହେବନାହିଁ ।

୩) ଆବେଦନକାରୀ ଯେଉଁ ଦୋକାନ ଗୃହ ପାଇଁ ଆଗ୍ରହୀ ତାହାର ନମ୍ବରକୁ ଫର୍ମରେ ସଠିକ୍ ଓ ନିର୍ଭୁଲ ଭାବରେ ପୂରଣ କରି ଆବେଦନ କରିବେ ।

୪) ଆବେଦନ ଫର୍ମ (ପରିଶିଷ୍ଟ-"କ")କୁ ସଠିକ୍ ଓ ନିର୍ଭୁଲ ଭାବରେ ପୁରଣ କରି ଆବଶ୍ୟକୀୟ କାଗଜାତରେ ନିଜର ଦସ୍ତଖତ କରିବା ସହିତ ସେହିଗୁଡିକୁ **scanning** କରିବା ପରେ ସେହି ଫାଇଲକୁ **secret password** ଦେଇ ନିଜର ନାମକୁ ଉଲ୍ଲେଖ କରି ଦୋକାନଗୃହ ସକାଶେ ଆବେଦନ ଫର୍ମ (submission of application for shop room) ଦର୍ଶାଇ ଆସନ୍ତା ତା:୦୧/୦୭/୨୦୨୧ ରୁ ତା:୧୫/୦୭/୨୦୨୧ମଧ୍ୟରେ admbargarh@gmail.com ଠିକଣାରେ ଇ-ମେଲ ମାଧ୍ୟମରେ ଆବେଦନ କରିବେ । scanning ହୋଇଥିବା ଆବେଦନ ଫର୍ମ (ପରିଶିଷ୍ଟ-"କ")କୁ ନିଜର secret password ଦେବା ବାଧ୍ୟତାମୂଳକ ଅଟେ ।

25/6/2021

୫) ଆବେଦନ ବେଳେ କୌଣସି ପ୍ରକାର ବିଷୟିକ ସମସ୍ୟା (**Technical problems**)ର ସମ୍ମୁଖୀନ ହେଲେ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ,ବରଗଡ (**DIO, NIC Bargarh**) ଙ୍କ **9439643312** ଏବଂ ଦୋକାନ ଆବଣ୍ଟନ ସମ୍ବନ୍ଧୀୟ ଅନ୍ୟାନ୍ୟ ସୂଚନା ପାଇଁ ସମ୍ପାଦକ,ନିୟନ୍ତ୍ରିତ ବଜାର କମିଟୀ,ବରଗଡଙ୍କ **ମୋବାଇଲ ନଂ.9937244484**ରେ ଯୋଗାଯୋଗ କରିପାରିବେ ।

୬) ଆବେଦନକାରୀଙ୍କ ଆବେଦନ ଫର୍ମ ସହ ଦାଖଲ କରିଥିବା ସମସ୍ତ କାଗଜାତକୁ ଯାଂଚ କମିଟୀ ଟିକିନିଖି ଭାବରେ ଯାଂଚ ଆସନ୍ତା **ତା.୧୯/୦୭/୨୦୨୧ ସକାଳ ୧୦ଘଣ୍ଟା** ରୁ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ନିୟନ୍ତ୍ରୀତ ବଜାର କମିଟୀ, ବରଗଡ ଅଧିନସ୍ଥ କୃଷକ ବଜାର ପରିସରସ୍ଥ ଜାତୀୟ କୃଷି ବଜାର କାର୍ଯ୍ୟାଳୟ **(e-NAM Office Building)** ବରଗଡଠାରେ ସମସ୍ତ କାଗଜାତ ଯାଂଚ କରାଯିବ ଏବଂ ଆଲଟମେଣ୍ଟ ସବ୍‌କମିଟୀ ଦ୍ୱାରା ଦୋକାନ ଗୃହ ଆବଣ୍ଟନ ପ୍ରକ୍ରିୟା ସମାପନ କରାଯିବ ।

୭) ଧାର୍ଯ୍ୟ ଯାଂଚ ତାରିଖରେ ଦରଖାସ୍ତକାରୀ ବା କ୍ଷମତାପ୍ରାପ୍ତ ପ୍ରତିନିଧି **(authorized representative)** ତାଙ୍କର **Secrete password** ସହିତ ଉପସ୍ଥିତ ରହିବେ ଏବଂ ଉକ୍ତ **secrete password** ଦ୍ୱାରା ତାଙ୍କର ଆବେଦନ ଫର୍ମକୁ **download** କରାଯିବ ।

**(ଟ) ଦରଖାସ୍ତକୁ ଅଯୋଗ୍ୟ ଓ ନାକଚ (Cause of rejection of Application)**

୧) ଫର୍ମ କ୍ରୟ ଦେୟ ବାବଦକୁ **Banking Transaction ID Receipt** କୁ ଆବେଦନ ଫର୍ମରେ ସଂଲଗ୍ନ କରିନଥିଲେ ।

୨) ସରକାରୀ ସ୍ୱୀକୃତି ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ଜନ୍ମ ତାରିଖ ଉଲ୍ଲେଖ ଥିବା ଆଧାର କାର୍ଡ଼/ଭୋଟର ପରିଚୟ ପତ୍ର /ପାନକାର୍ଡ / ଡ୍ରାଇଂଭି ଲାଇସେନ୍ସ ଇତ୍ୟାଦିରୁ ଯେକୌଣସି ଗୋଟିଏର ଜେରକ୍ସ କପି ସଂଲଗ୍ନ କରିନଥିଲେ ।

୩) ଭିନ୍ନକ୍ଷମ ଚାଷୀ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ବୈଧ ପ୍ରମାଣପତ୍ର ଯାହାକି **୪୦%** ରୁ କମ୍ ହୋଇନଥିବ ତାହା ଫର୍ମରେ ସଂଲଗ୍ନ କରିବେ । ଚାଷୀର ପ୍ରମାଣ ସ୍ୱରୂପ ଚାଷି ପରିଚୟ ପତ୍ର / କିଷାନ କ୍ରେଡ଼ିଟ୍ କାର୍ଡ଼ କିମ୍ବା ଜମିର ପଟ୍ଟା କିମ୍ବା ରେଜିଷ୍ଟ୍ରି ଦଲିଲର ଜେରକ୍ସ କପିକୁ ସଂଲଗ୍ନ କରିବେ ।

୪) ବିଧବା ମହିଳା ଓ ଭିନ୍ନକ୍ଷମ ଚାଷୀମାନେ ସେମାନଙ୍କର ବାର୍ଷିକ ଆୟ ସମ୍ବନ୍ଧରେ ସଂପୃକ୍ତ ତହସିଲଦାର/ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ **୨୦୨୦-୨୧** ଆର୍ଥିକ ବର୍ଷର ଆୟ ପ୍ରମାଣ ପତ୍ର (**Income Certificate**) ର ଜେରକ୍ସ କପି ସଂଲଗ୍ନ କରିନଥିଲେ ।

୫) ଆବେଦନ ଫର୍ମ (ପରିଶିଷ୍ଟ-"କ")କୁ ସଠିକ୍ ଓ ନିର୍ଭୁଲ ଭାବରେ ପୂରଣ କରିନଥିଲେ । ଆବଶ୍ୟକୀୟ କାଗଜାତରେ ନିଜର ସ୍ୱାକ୍ଷର କରିନଥିଲେ । ଆବେଦନ ଫର୍ମକୁ scanning କରିବା ପରେ ସେହି ଫାଇଲକୁ **secret password** ଦେଇନଥିଲେ ଅର୍ଥାତ୍ without password ଦେଇ ଆବେଦନ କରିଥିଲେ । **ତା:୦୧/୦୭/୨୦୨୧ ରୁ ତା:୧୫/୦୭/୨୦୨୧**ମଧ୍ୟରେ admbargarh@gmail.com ଠିକଣାରେ ଇ-ମେଲ ମାଧ୍ୟମରେ ଆବେଦନ କରିନଥିଲେ ।

୬) ଧାର୍ଯ୍ୟ ଯାଂଚ ତାରିଖରେ ଦରଖାସ୍ତକାରୀ ବା କ୍ଷମତାପ୍ରାପ୍ତ ପ୍ରତିନିଧି **(authorized representative)** ତାଙ୍କର **Secrete password** ସହିତ ଯଦି ଉପସ୍ଥିତ ରହିବେ ନାହିଁ ।

୭) ଆବେଦନ ଫର୍ମରେ ସଂଲଗ୍ନିତ କାଗଜାତରେ ଯାଂଚବେଳେ ଯଦି ମିଥ୍ୟା ବୋଲି ଜଣାପଡ଼ିଲେ ।

**(୯) ଆଲଟମେଣ୍ଟ ସବ-କମିଟୀ / RMC କର୍ତ୍ତୃପକ୍ଷଙ୍କ କ୍ଷମତା (Power of Sub-Committee & RMC authority)**

୧) ବରଗଡ଼ ନିୟନ୍ତ୍ରୀତ ବଜାର କମିଟୀ ଦ୍ୱାରା ଗଠିତ ଦୋକାନ ଗୃହ ସକାଶେ ଆଲଟମେଣ୍ଟ ସବ-କମିଟୀ ବା RMC କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ନିଷ୍ପତ୍ତି ଅଟେ ।

୨) ବିଜ୍ଞାପନ, ଫର୍ମ ଓ ସର୍ତ୍ତାବଳୀରେ ଯଦି କୌଣସି ପ୍ରକାର ତୃଟିର ଦୃଷ୍ଟିଗୋଚର ହୁଏ, ତେବେ ଆବଶ୍ୟକ ସ୍ଥଳେ ନିୟନ୍ତ୍ରୀତ ବଜାର କମିଟୀ କର୍ତ୍ତୃପକ୍ଷ ସେ କ୍ଷେତ୍ରରେ ସଂଶୋଧନ କିମ୍ବା ରଦ୍ଦ କରିପାରିବେ ।

୩) ପ୍ରକାଶ ଥାଉକି, ଆବଶ୍ୟକ ସ୍ଥଳେ ପରିସ୍ଥିତିକୁ ଅନୁଧ୍ୟାନ କରି ନିୟନ୍ତ୍ରିତ ବଜାର କମିଟୀ କର୍ତ୍ତୃପକ୍ଷ ଯଦି ଉଚିତ ମନେ କରିବେ, ତେବେ ଉକ୍ତ ଦୋକାନ ଗୃହ ଆବଣ୍ଟନ କାର୍ଯ୍ୟକ୍ରମକୁ ଘୁଂଚାଇ ଦେଇ ପାରିବେ କିମ୍ବା ସମ୍ପୂର୍ଣ୍ଣ ଭାବେ ବାତିଲ୍ ମଧ୍ୟ କରିପାରିବେ ।

୨୬/୦୬/୨୦୨୧

ସମ୍ପାଦକ
ନିୟନ୍ତ୍ରୀତ ବଜାର କମିଟୀ, ବରଗଡ ।

୨୬/୦୬/୨୦୨୧

ଅତିରିକ୍ତ ଜିଲ୍ଲାପାଳ, ବରଗଡ ତଥା ଅଧ୍ୟକ୍ଷ
ନିୟନ୍ତ୍ରୀତ ବଜାର କମିଟୀ, ବରଗଡ ।

**Annexure-B (ଖ)**

## Category wise Reserved Shop Room Chart

| Category | Block –G ( roadside) | Sub-Total | Block-F ( Inside ) | Sub Total | Grand Total |
|---|---|---|---|---|---|
| Persons with Disabilities ( Handicapped) | Room No.11,12 & 13 | 03 | Room No.12 & 13 | 02 | 05 |
| Women ( widow ) | Room No.14,15,16, 17 &18 | 05 | Room No.14,15,16,17, 18, 19, 20, 21, 22, 23, 24,25,26,27,28,29,30, 31, 32,33,34,35,36,37, 38,39,40,41,42, 43,44, 45 & 46 | 33 | 38 |
| General ସମସ୍ତେ ଆବେଦନ କରିପାରିବେ । | Room No. 19, 20,21,22,23,24,25, 26, 27, 28,29,30,31,32, 33,34,35,36,37,38, 39,40,4142,43,44, 45,46,47,48, 49,50,51,52,53, 54,55, 56,57,58,59,60,61,62 63,64,65,66,67,68 & 69 | 51 | RoomNo.47,48,49,50,51, 52,53,54,55,56,57,58,59, 60,61,62, 63, 64, 65 & 66 | 30 | 71 |
| Total : | | 59 | | 55 | 114 |

25/06/21

Secretary
RMC, Bargarh

25/6/2021

A.D.M., Bargarh-Cum- Chairman,
RMC, Bargarh

**Annexure-D (ଘ)**

# Monthly fixed Minimum Shop Room Rent ( Block wise )

| Sl.No | Block Name | Room No. | Monthly Fixed Minimum Room Rent | Remarks |
|---|---|---|---|---|
| 1 | Block-G | Room No. 11 to 31 | Rs.1700.00 | Read the terms & conditions carefully. |
| | | Room No. 33 to 61 | | |
| | | Room No. 63 to 69 | | |
| 2 | Block-G | Room No.32 & 62 | Rs.1200.00 | |
| 3 | Block-F | Room No.12 to 66 | Rs.600.00 | |

25/06/2021
Secretary
RMC, Bargarh

25/6/2021
A.D.M., Bargarh-Cum- Chairman,
RMC, Bargarh

<u>**Annexure-E (ଓଂ)**</u>


# Security Deposit Amount ( BLOCK WISE )

| Sl.No | Block Name | Room No. | Security Amount ( To be deposited after allotment ) | Remarks |
|---|---|---|---|---|
| 1 | Block-G | Room No. 11 to 31 | Rs.50,000.00 | 50 % exemption on deposit of Security Amount in the case of eligible applicant under PwD and widow women category. |
| | | Room No. 33 to 61 | | |
| | | Room No. 63 to 69 | | |
| 2 | Block-G | Room No.32 & 62 | Rs.50,000.00 | |
| 3 | Block-F | Room No.12 to 66 | Rs.30,000.00 | |

25/6/2021
Secretary
RMC, Bargarh

25/06/2021
A.D.M., Bargarh-Cum- Chairman,
RMC, Bargarh

# SKETCH MAP OF SHOP ROOM AT KRUSHAK BAZAR
# R.M.C. , BARGARH
# (ANNEXURE-"C")




AUTHORITY-

DRAWING TITLE-

SKETCH MAP OF SHOP ROOM
AT KRUSHAK BAZAR,R.M.C. BARGARH

DWG.NO-

AC/20-21/dwg-DWG/35

PREPARED BY-

M/S AGRAWAL CONSTRUCTION CO.

CORPORATE OFFICE :-

SUPER MARKET COMPLEX
SHOP NO-197,BARGARH-768028